# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 17 September– 2026

## ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦ ବର୍ଷର ନିରବଚ୍ଛିନ୍ନ ସେବା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଭାବେ ୨୫ ବର୍ଷର ନେତୃତ୍ୱ ସମଗ୍ର ଦେଶକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ରଭାବେ ଗଢ଼ିତୋଳିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଯାତ୍ରାକୁ ସମ୍ମାନ ଜଣାଇ ଦେଶରେ ଆଜିଠାରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି । ଶ୍ରୀ ମୋଦୀଙ୍କ ଏହି ଯାତ୍ରା 'ଜନସେବାରୁ ଦେଶସେବାର ମନ୍ତ୍ର' ନିରନ୍ତର ପ୍ରତିବଦ୍ଧତାକୁ ସୂଚାଉଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସରକାର ଅନବରତ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶୀର୍ବାଦର ଦୀପ ଜାଳିବାକୁ ଜନସାଧାରଣଙ୍କୁ ଅହ୍ୱାନ ଜଣାଇଛନ୍ତି । ଭୁବନେଶ୍ୱର ଗୁପ୍ତେଶ୍ୱର ମନ୍ଦିରରେ ଆଜି ଦୀପଦାନ କରାଯିବ। ଦେଶବ୍ୟାପୀ ମଧ୍ୟ ଆଜି ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୬ ଆରମ୍ଭ ହେଉଛି ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଉପଲକ୍ଷେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ବୈଷ୍ଣବ

କହିଛନ୍ତି ଶ୍ରୀ ମୋଦୀଙ୍କ ଜନସେବା କ୍ଷେତ୍ରରେ ପ୍ରତିବଦ୍ଧତା ଏବଂ ଉତ୍ସର୍ଗୀକୃତ ମନୋଭାବ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଆଜି ସମଗ୍ର ଦେଶରେ ନବଜାଗରଣର ନୂତନ ଅଧ୍ୟାୟ ରଚନା କରିଛି । ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ତାଙ୍କ ଅସୀମ ସହଯୋଗ ନିମନ୍ତେ ସର୍ବଦା କୃତଜ୍ଞ ବୋଲି ଶ୍ରୀ ମାଝୀ କହିଛନ୍ତି ।

**V/O**

# ପିଏମ୍ ସେମିକନ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଯଶୋଭୂମିଠାରେ 'ସେମିକନ୍ ଇଣ୍ଡିଆ-୨୦୨୬'ର ପଞ୍ଚମ ସଂସ୍କରଣକୁ ଉଦ୍‌ଘାଟନ କରିବେ । ଏହା ନବସୃଜନକୁ ତ୍ୱରାନ୍ୱିତ କରିବା, ଉତ୍ପାଦନ କ୍ଷମତାକୁ ସୁଦୃଢ଼, ପୁଞ୍ଜି ନିବେଶ ଆକୃଷ୍ଟ ଏବଂ ଭବିଷ୍ୟତ ପାଇଁ ଦକ୍ଷ ପ୍ରତିଭା ବିକାଶ ଦିଗରେ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଏବଂ ଇଲେକ୍‌ଟ୍ରୋନିକ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବ । କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଅନ୍ତର୍ଜାତୀୟ କମ୍ପାନୀ ଏବଂ ୪୦ରୁ ଅଧିକ ଦେଶର ପ୍ରତିନିଧି ସାମିଲ ହେବେ ।

## ସୁଭଦ୍ରା ଯୋଜନା

ମହିଳା ନେତୃତ୍ୱରେ ବିକାଶ ଏବଂ ସମୃଦ୍ଧିର ସଂକଳ୍ପ ନେଇ ରାଜ୍ୟରେ ଲାଗୁ ହୋଇଥିବା ସୁଭଦ୍ରା ଯୋଜନାକୁ ଆଜି ଦୁଇବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି ସଂଧ୍ୟା ୬ଟାରୁ ୭ଟା ମଧ୍ୟରେ ଘରେ ଘରେ ସୁଭଦ୍ରା ଦୀପ ଜାଳିବାକୁ ଆହ୍ୱାନ ଦେଇଛନ୍ତି । ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ୫ଟି କିସ୍ତିରେ ୨୫ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

# ସିବିଏଫ୍‌ସି

କେନ୍ଦ୍ର ସରକାର କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣିକରଣ ବୋର୍ଡ-ସିବିଏଫ୍‌ସି ର ପୁର୍ନଗଠନ କରିଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଆସନ୍ତା ୩ ବର୍ଷ ଲାଗି ୧୮ଜଣ ନୂଆ ସଦସ୍ୟଙ୍କୁ ବୋର୍ଡରେ ସାମିଲ କରାଯାଇଛି । ଓଡ଼ିଶାର ସ୍ୱନାମଧନ୍ୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନୀଳମାଧବ ପଣ୍ଡାଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିନୋଦ ଅନୁପମ, ମନୋଜ ଯୋଶୀ, ପ୍ରୀତି ଜିଣ୍ଟା, ପଙ୍କଜ ତ୍ରିପାଠୀ ଓ ସୁନୀଲ ସେଟୀ ପ୍ରମୁଖ ବୋର୍ଡର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ଜନଅଭିଯାନ-ଧର୍ମେନ୍ଦ୍ର ପ୍ରଧାନ

ଦେବଗଡ ଜିଲ୍ଲାରେ ନବଜାତ ଶିଶୁଠାରୁ ୧୮ବର୍ଷ ପର୍ଯ୍ୟନ୍ତ ୭୫ହଜାର ଶିଶୁ ଓ କିଶୋରକିଶୋରୀଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଜନଅଭିଯାନ ଆରମ୍ଭ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଦିଶା ବୈଠକରେ ଯୋଗଦେଇ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ ପ୍ରତ୍ୟେକ ନାଗରିକଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

## ସାମୁହିକ ଦୀପଦାନ

ସେବା ଓ ସୁଶାସନର ୨୫ବର୍ଷ ପୂର୍ତ୍ତି ଅବସରରେ ଆଜି ନବରଙ୍ଗପୁର ଜିଲ୍ଲାର ପ୍ରମୁଖ ମନ୍ଦିର ଓ ବିଭିନ୍ନ ଐତିହାସିକ ପୀଠରେ ସାମୁହିକ ଦୀପଦାନ ପାଇଁ ସ୍ଥିର କରାଯାଇଛି । ସାଂସଦ ବଳଭଦ୍ର ମାଝୀ ଓ ବିଧାୟକ ଗୌରୀଶଙ୍କର ମାଝୀ ପାପଡାହାଣ୍ଡି ସହିଦ ମିନାରରେ ଦୀପଦାନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ରକ୍ତଦାନ-ସେବା ହିଁ ସମର୍ପଣ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜେପି ପକ୍ଷରୁ ୧୦୦ଜଣ ଯୁବକ ରକ୍ତଦାନ ଲାଗି ଭୁବନେଶ୍ୱର ଆସିଛନ୍ତି । ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ

ହେବାକୁଥିବା ରକ୍ତଦାନ ଶିବିରରେ ସାମିଲ ହୋଇ ସେମାନେ ସେବା ହିଁ ସମର୍ପଣର ବାର୍ତ୍ତା ପ୍ରଚାର କରିବେ ।

# ବିମ୍ବାସୁର ବଧ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ବିମ୍ବାସୁର ବଧ ପ୍ରସ୍ତାବ ନୀତି ଅନୁଷ୍ଠିତ ହେବ । ସଂଧ୍ୟାଧୂପ ପରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଏହି ନୀତି ଅନୁଯାୟୀ ପ୍ରଭୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇବା ପରେ ନାଟମଣ୍ଡପସ୍ଥିତ ଖଟ ଉପରକୁ ବିଜେ କରିବେ । ବିମ୍ବାସୁର ରାକ୍ଷସକୁ ଭଗବାନ ଶ୍ରୀକୃଷ୍ଣ ମୁଷ୍ଟି ପ୍ରହାର କରି ହତ୍ୟା କରିଥିବା ପୌରାଣିକ କଥାବସ୍ତୁ ଆଧାରରେ ଏହି ନୀତି ଅନୁଷ୍ଠିତ ହୋଇଥାଏ ।

# ବିଶ୍ୱକର୍ମା ପୂଜା

ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି । ଦେବଶିଳ୍ପୀଙ୍କ ପୂଜା ଆଶ୍ୱିନ କନ୍ୟା ସଂକ୍ରାନ୍ତୀରେ ପାଳନ କରାଯାଇଥାଏ । ରାଜ୍ୟର ଶିଳ୍ପାନୁଷ୍ଠାନ ଗୁଡ଼ିକରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।

# ପାଣିପାଗ

ଉତ୍ତର ଥାଇଲାଣ୍ଡ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ଶନିବାର ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା

ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୩ ତାରିଖ ସୁଦ୍ଧା ଉପକୂଳ ଛୁଇଁବାର ସମ୍ଭାବନାରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।